# The Odisha Gazette

**EXTRAORDINARY**
**PUBLISHED BY AUTHORITY**

**No. 1857, CUTTACK, FRIDAY, SEPTEMBER 28, 2018/ASWINA 6, 1940**


## HOUSING & URBAN DEVELOPMENT DEPARTMENT

NOTIFICATION

The 28th September, 2018

**S.R.O. No.400**/2018— Whereas, the draft of certain rules further to amend the Odisha Municipal Rules, 1953 was published as required by Section 392 of the Odisha Municipal Act,1950(Odisha Act 23 of 1950) in the Extraordinary issue of the *Odisha Gazette* No.1204, dated the 19th July,2018 issued under the notification of the Government of Odisha in the Housing & Urban Development Department No.18906-HUD-13-LEGIS-67-POLICY-15-16/2018, dated the 18th July, 2018 inviting objections and suggestions from all persons likely to be affected thereby within a period of thirty days from the date of publication of the said notification in the *Odisha Gazette*;

And, whereas, no objection or suggestion has been received during the stipulated period ;

Now, therefore, in exercise of the powers conferred by Section 387 of the said Act, the State Government do hereby make the following rules further to amend the Odisha Municipal Rules, 1953, namely:—

**1. Short title and Commencement**:— (1) These rules may be called the Odisha Municipal (Amendment) Rules,2018.

(2) They shall come into force on the date of their publication in the *Odisha Gazette*.

**2.** In the Odisha Municipal Rules, 1953, after rule 64A, the following rule shall be inserted, namely:—

"64B. Manner of voting at meeting of no-confidence motion.— (1) Every Political Party, whose member as an elected Councillor cast a vote in a meeting of no- confidence motion against the Chairperson or the Vice Chairperson, as the case may be, may appoint an authorised agent and the President, General Secretary or any person authorised by the State Level Political Party or State Unit of the National Political Party

shall, in writing , inform the same to the Presiding Officer, with full details of the authorised agent, proposed to be engaged for the said meeting prior to the scheduled date of the meeting.

(2) The Presiding Officer shall issue the ballot papers to all elected Corporators mentioning the serial number thereon as reflected in a register specifically prepared for the purpose with proper acknowledgement to cast his vote.

(3) The Presiding Officer shall , when an elected Councillor being a member of a political party records his vote on the ballot paper and before such Councillor inserts that ballot paper into the ballot box, allow the authorised agent of that political party to verify as to whom such Councillor has cast his vote.”.

[No. 26242–HUD-13-LEGIS-67-POLICY-15-16/2018/HUD.]

By Order of the Governor

G. MATHI VATHANAN

Commissioner-*cum*-Secretary to Government

# ଗୃହନିର୍ମାଣ ଓ ପୌର ଉନ୍ନୟନ ବିଭାଗ

ଅଧିସୂଚନା

ତା.**28.09.2018**

**ଏସ୍.ଆର୍.ଓ. ସଂଖ୍ୟା-400**/2018— ଯେହେତୁ ଓଡିଶା ପୌର ଅଧିନିୟମ, 1950 (1950 ର ଓଡିଶା ଅଧିନିୟମ 23) ର ଧାରା 392 ଦ୍ୱାରା ଆବଶ୍ୟକ ହେଉଥିବା ପ୍ରକାରେ ଓଡିଶା ପୌର ନିୟମାବଳୀ, 1953 କୁ ଅଧିକତର ସଂଶୋଧନ କରିବା ନିମନ୍ତେ ତାହାର ଏକ ଚିଠା ନିୟମାବଳୀ ଓଡିଶା ସରକାରଙ୍କ ଗୃହନିର୍ମାଣ ଓ ପୌର ଉନ୍ନୟନ ବିଭାଗର ଅଧିସୂଚନା ସଂଖ୍ୟା 18906-ଏଚ୍‌ୟୁଡି-13-ଲେଜିସ୍-67-ପଲିସି-15-16/2018, ତା. 18 ଜୁଲାଇ, 2018 ରିଖରେ *ଓଡିଶା ଗେଜେଟ୍‌*ର ଅସାଧାରଣ ସଂଖ୍ୟା 1204 ତା.19 ଜୁଲାଇ, 2018 ରିଖରେ ପ୍ରକାଶ କରାଯାଇ ତଦ୍ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥିବା ସମସ୍ତ ବ୍ୟକ୍ତିଙ୍କ ଠାରୁ ଉକ୍ତ ଅଧିସୂଚନା *ଓଡିଶା ଗେଜେଟ୍‌*ରେ ପ୍ରକାଶିତ ହେବାର ତିରିଶି ଦିନ ମଧ୍ୟରେ ଆପତ୍ତି ଓ ପ୍ରସ୍ତାବମାନ ଆହ୍ୱାନ କରାଯାଇଥିଲା;

ଏବଂ, ଯେହେତୁ ନିର୍ଦ୍ଧାରିତ ଅବଧି ମଧ୍ୟରେ ଉକ୍ତ ଚିଠା ସମ୍ବନ୍ଧରେ କୌଣସି ଆପତ୍ତି କିମ୍ବା ପ୍ରସ୍ତାବ ପ୍ରାପ୍ତ ହୋଇନାହିଁ;

ସୁତରାଂ, ସଂପ୍ରତି, ରାଜ୍ୟ ସରକାର ଉକ୍ତ ଅଧିନିୟମର ଧାରା 387 ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗ କ୍ରମେ, ଓଡିଶା ପୌର ନିୟମାବଳୀ, 1953 କୁ ଅଧିକତର ସଂଶୋଧନ କରିବା ନିମନ୍ତେ ଏତଦ୍ଦ୍ୱାରା ନିମ୍ନଲିଖିତ ନିୟମାବଳୀ ପ୍ରଣୟନ କରୁଅଛନ୍ତି, ଯଥା: —

1. **ସଂକ୍ଷିପ୍ତ ନାମ ଓ ପ୍ରାରମ୍ଭ:** — (1) ଏହି ନିୟମାବଳୀ, ଓଡିଶା ପୌର (ସଂଶୋଧନ) ନିୟମାବଳୀ, 2018 ନାମରେ ଅଭିହିତ ହେବ ।

(2) ଏହା *ଓଡିଶା ଗେଜେଟ*ରେ ଯେଉଁ ତାରିଖରେ ପ୍ରକାଶିତ ହେବ ସେହି ତାରିଖ ଠାରୁ ବଳବତ୍ତର ହେବ ।

2. ଓଡିଶା ପୌର ନିୟମାବଳୀ, 1953 ର ନିୟମ 64 କ ପରେ ନିମ୍ନଲିଖିତ ନିୟମଟି ଅନ୍ତଃସ୍ଥାପିତ ହେବ, ଯଥା: —

"64ଖ. ଅନାସ୍ଥା ପ୍ରସ୍ତାବ ଉପରେ ମତଦାନ ସଂପର୍କିତ ରୀତି. — (1) ଅଧ୍ୟକ୍ଷ କିମ୍ବା ଉପାଧ୍ୟକ୍ଷଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ସଂକ୍ରାନ୍ତୀୟ ବୈଠକରେ ମତଦାନ କରୁଥିବା ନିର୍ବାଚିତ ପାରିଷଦ ଯେଉଁ ରାଜନୈତିକ ଦଳର ସଭ୍ୟ ଅଟନ୍ତି, ଉକ୍ତ ରାଜନୈତିକ ଦଳ, ସେ ସମୟରେ ଜଣେ ପ୍ରାଧିକୃତ ଏଜେଣ୍ଟଙ୍କୁ ନିଯୁକ୍ତି କରିପାରିବେ ଏବଂ ରାଜ୍ୟସ୍ତରୀୟ ରାଜନୈତିକ ଦଳ କିମ୍ବା ଜାତୀୟ ରାଜନୈତିକ ଦଳର ରାଜ୍ୟ ଶାଖାର ସଭାପତି କିମ୍ବା ସାଧାରଣ ସମ୍ପାଦକ କିମ୍ବା ଉକ୍ତ ରାଜନୈତିକ ଦଳ ଦ୍ୱାରା ପ୍ରାଧିକୃତ କୌଣସି ବ୍ୟକ୍ତି କିମ୍ବା ଅଧିକାରୀ ଅନାସ୍ଥା ପ୍ରସ୍ତାବ ବୈଠକ ପାଇଁ

ଧାର୍ଯ୍ୟ ତାରିଖ ପୂର୍ବରୁ ପ୍ରସ୍ତାବିତ ପ୍ରାଧିକୃତ ଏଜେଣ୍ଟଙ୍କ ନିଯୋଜନ ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ତଥ୍ୟ ପୀଠାସୀନ ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇବେ ।

(2) ପୀଠାସୀନ ଅଧିକାରୀ ନିର୍ବାଚିତ ପାରିଷଦଙ୍କ ଠାରୁ ଯଥୋଚିତ ପ୍ରାପ୍ତି ସ୍ୱୀକାର ପାଇବାପରେ ସ୍ୱତନ୍ତ୍ରଭାବେ ତିଆରି କରାଯାଇଥିବା ରେଜିଷ୍ଟରରେ ଯେଉଁ ସଂଖ୍ୟା ଉଲ୍ଲେଖ ହୋଇଥିବ ସେହି ସଂଖ୍ୟାକୁ ଭୋଟ୍ କାଗଜ ଉପରେ ପ୍ରତିଫଳିତ କରି ଭୋଟ୍ ଦେବାପାଇଁ ସମସ୍ତ ନିର୍ବାଚିତ ପାରିଷଦଙ୍କୁ ପ୍ରଦାନ କରିବେ ।

(3) ରାଜନୈତିକ ଦଳର ସଭ୍ୟ ଭାବରେ ଜଣେ ନିର୍ବାଚିତ ପାରିଷଦ ଭୋଟ୍ କାଗଜ ଉପରେ ନିଜର ମତ ସାବ୍ୟସ୍ତ କରିବାପରେ ଏବଂ ସେହି ଭୋଟ୍ କାଗଜକୁ ଭୋଟ୍ ବାକ୍ସ ଭିତରେ ଭର୍ତ୍ତି କରିବା ପୂର୍ବରୁ, ପୀଠାସୀନ ଅଧିକାରୀ ସେହି ରାଜନୈତିକ ଦଳର ପ୍ରାଧିକୃତ ଏଜେଣ୍ଟଙ୍କୁ ଉକ୍ତ ନିର୍ବାଚିତ ପାରିଷଦ କାହା ସପକ୍ଷରେ ଭୋଟ୍ ଦେଇଛନ୍ତି ତାହା ଯାଞ୍ଚ୍ କରିବା ପାଇଁ ଅନୁମତି ପ୍ରଦାନ କରିବେ ।"

[ସଂଖ୍ୟା-**26242**–ଏଚ୍.ୟୁ.ଡି.-୧୩-ଲେଜିସ୍-୬୭-ପଲିସି-୧୫-୧୬/୨୦୧୮/ଗୃ.ନ.ଉ.]

ରାଜ୍ୟପାଳଙ୍କ ଆଦେଶକ୍ରମେ

ଜି. ମାଥି ଭାଥନନ୍

କମିସନର-*ତଥା*-ଶାସନ ସଚିବ

Printed and published by the Director, Printing, Stationery and Publication, Odisha, Cuttack-10
Ex. Gaz. 1334-173+500